ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଅଗଷ୍ଟ, ୨୦୨୦

**ଅବକାରୀ ଚଢ଼ାଉ, ୩ ଗିରଫ**

ନିମାପଡ଼ା(ଡି.ଏନ୍.ଏ.): ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ଦିନ କାକଟପୁର, ଓଥକା, ନିମାପଡ଼ା ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ବେଳେ ୩ଜଣ ଚୋରା ମଦ ବେପାରୀଙ୍କଠାରୁ ୮୦ବୋତଲ ମଦ ଜବତ କରାଯାଇଛି। କାକଟପୁର ଥାନା ତେନ୍ତୁଳିଆ ଗ୍ରାମର ଦିଲୀପ ବେହେରା, ନିମାପଡ଼ା ଥାନା ଧୂରପୁର ଗ୍ରାମର ବାସୁଦେବ କାଣ୍ଡି, ରେଞ୍ଜ ମଠସାହିର ସନାତନ ଭାରତୀଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ. ୨୬/୨୦, ୨୭/୨୦ ଓ ୨୮/୨୦ରେ ୩ଟି ମାମଲା ରୁଜୁ ହୋଇଛି। ନିମାପଡ଼ା ଅବକାରୀ ନିରୀକ୍ଷକ ଯୋଗମାୟା ମଲ୍ଲିକ, ଏଏସ୍ଆଇ ଅବଦୁଲ ରଫ ଖାନ, ଜିତେନ୍ଦ୍ର ବେହେରା ଏହି ଚଢ଼ାଉ କରିଥିଲେ।



# ରାଜଧାନୀ ସ୍ଥିତି ବିଗିଡ଼ିଲା, ଆଉ ୨୪୭ ପଜିଟିଭ୍

ଭୁବନେଶ୍ୱର,୧୪।୮(ବ୍ୟୁରୋ)

**୫ହଜାର ପାଖାପାଖି ସଂକ୍ରମଣ, ୨୩ ମୃତ**

ମାର୍ଚ୍ଚ ୧୫ରେ ଭୁବନେଶ୍ୱରରୁ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଏହାପରେ ସହରରେ ଆକ୍ରାନ୍ତଙ୍କ ହୁହୁ ହୋଇ ବଢ଼ିବା ପରେ ସାରା ରାଜ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସରକାର ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବା ପରେ ମାତ୍ର କେଇଟା ଦିନରେ ସ୍ଥିତି ନିୟନ୍ତ୍ରଣକୁ ଆସି ଯାଇଥିଲା। ହେଲେ ଏବେ ରାଜଧାନୀରେ ସଂକ୍ରମଣ ଆଉ ନିୟନ୍ତ୍ରଣରେ ନାହିଁ। ସ୍ଥିତି ସମ୍ପୂର୍ଣ୍ଣ ବିଗିଡିଯାଇଥିବାବେଳେ ଏଥିପାଇଁ ଖୋର୍ଦ୍ଧା ଜିଲା ଏବେ ସଂକ୍ରମଣରେ ଗଞ୍ଜାମ ଜିଲାକୁ ଟପିଯାଇଛି। ଶେଷ ଦିନକରେ ଜିଲାରୁ ମୋଟ ୩୩୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୨୪୭ଜଣ ରହିଛନ୍ତି।

ସଙ୍ଗରୋଧରେ ଥିବା ୧୪୮ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ୯୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରେ ୧୪୬ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ଓ ଅନ୍ୟ ୨ଜଣ ରାଜ୍ୟ ବାହାର ଗସ୍ତ କରିଥିବା ବିଏମ୍ସି ପକ୍ଷରୁ କୁହାଯାଇଛି। ଫଳରେ ସହରରେ ଏବେ ଆକ୍ରାନ୍ତ ସଂଖ୍ୟା ୪,୮୪୨ରେ ପହଞ୍ଚିଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୟୁନିଟ୍-୬ ଓ ଭୋଇନଗର ଶୁକବିହାରରୁ ୧୧ ଜଣ, ବମିଖାଲରୁ ୮, ରିଜର୍ଭ ପୋଲିସ କଲୋନୀ ଓ ନୟାପଲ୍ଲୀର ଏକ ହଷ୍ଟେଲରୁ ୬, ଆଚାର୍ଯ୍ୟ ବିହାର ବିଜ୍ଞାନ ଉଦ୍ୟାନରୁ ୫, ଆଇଆରସି ଭିଲେଜ୍ ଏନ୍-୬ ଅଞ୍ଚଳ, ଭୁବନେଶ୍ୱରୀ କଲୋନୀ, ଡୁମ୍ଡୁମା ଫେଜ୍-୨, ଏକ ଘରୋଇ ହସ୍ପିଟାଲରୁ ୪ଜଣ ଲେଖାଏ ରହିଛନ୍ତି। ଏହାବାଦ୍ ଅନ୍ୟ ଅଞ୍ଚଳରୁ ବହୁ ସଙ୍ଗରୋଧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ନୂଆ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀରୁ ୪ଜଣ, ରିଜର୍ଭ ପୋଲିସ୍ କଲୋନୀରୁ ୩, ନୀଳାଦ୍ରିବିହାର, ଭରତପୁର, ସାଲିଆସାହି, ଝାରପଡ଼ା, ପଣ୍ଡାପାର୍କ, ଚକେଇସିହାଣୀ, ଟଙ୍କପାଣି ରୋଡ୍, କାର୍ଗିଲ ବସ୍ତି, ପ୍ରଶାନ୍ତି ବିହାର ଓ ୟୁନିଟ୍-୩ରୁ ୨ଜଣ ଲେଖା ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୟୁନିଟ୍-୪ରୁ ୧୧ ଜଣଙ୍କ ସମେତ ସହରରୁ ମୋଟ ୧୦୩ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୩୧୧୮ ଛୁଇଁଛି। ଏବେ ସକ୍ରିୟ ଆକ୍ରାନ୍ତ ୧୬୨୫ଜଣ ରହିଥିବାବେଳେ ୨୩ଜଣ କରୋନାରେ ମରିଛନ୍ତି।

## ଜଟଣୀ: ନିରାଡ଼ମ୍ବର ଗଣେଶ ପୂଜା ନିଷ୍ପତ୍ତି

**ଜଟଣୀ,୧୪।୮(ଡି.ଏନ୍.ଏ.):** ଚଳିତବର୍ଷ ନିରାଡ଼ମ୍ବରରେ ଗଣେଶ ପୂଜା ପାଳନ କରାଯିବ। ଶୁକ୍ରବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ଜଟଣୀ ବ୍ୟବସାୟୀ ମହାସଂଘ ଏହି ନିଷ୍ପତ୍ତି ନେଇଛି। ସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ କହିଛନ୍ତି, କୋଭିଡ୍ ନିୟମ ପାଳନ ସହ ପରମ୍ପରା ଓ ବିଧି ରକ୍ଷା ପାଇଁ ଏହି ପୂଜା କରାଯିବ। ଗଣେଶ ଚତୁର୍ଥୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୧୨ଦିନ ଧରି ନିରାଡ଼ମ୍ବର ଭାବେ ପୂଜା ଚାଲିବ। ମଣ୍ଡପରେ ଛୋଟ ମୂର୍ତ୍ତି ବସାଯାଇ ବିନା ସାଜସଜ୍ଜାରେ ସୀମିତ ସଦସ୍ୟଙ୍କ ଉପସ୍ଥିତିରେ ପୂଜା କରାଯିବ। ଏନେଇ ପୋଲିସ ଓ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ମହାସଂଘ ସମ୍ପାଦକ ସୁଜିତ୍ ରାଉତରାୟଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ। ଅନ୍ୟପଟେ କରୋନା ଦୃଷ୍ଟିରୁ ସର୍ବସାଧାରଣ ସ୍ଥାନ ତଥା ପେଣ୍ଡାଲରେ ଗଣେଶ ପୂଜା ଆୟୋଜନ ଉପରେ କମିଶନରେଟ୍ ପୋଲିସ୍ ରୋକ୍ ଲଗାଇଛନ୍ତି।

## ପ୍ଲାଜ୍ମାଦାତାଙ୍କ ସଂଖ୍ୟା ଶତକ ପାର୍

**କଟକ ଅଫିସ,୧୪।୮:** ମାସକ ତଳେ ଏସ୍ସିବିରେ ରାଜ୍ୟର ପ୍ରଥମ ପ୍ଲାଜ୍ମା ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଥିଲେ। ଏବେ ପ୍ଲାଜ୍ମାଦାତାଙ୍କ ସଂଖ୍ୟା ଶହେ ଟପିଲାଣି। ଏସ୍ସିବିରେ ୧୦୫ ଜଣ ପ୍ଲାଜ୍ମା ଦେଇସାରିଛନ୍ତି। ସଂଗୃହୀତ ୨୧୦ ୟୁନିଟ୍ରୁ ୧୬୮ ୟୁନିଟ୍ ବିଭିନ୍ନ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ଏସ୍ସିବି ଜରୁରିକାଳୀନ ପରିଚାଳକ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ଏହି ସଫଳତା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ଶୁଭେଚ୍ଛା ଜ୍ଞାପନ କରିଛି। ଏସ୍ସିବି ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ଡା. ସ୍ମିତାରାଣୀ ମହାପାତ୍ର (ନୋଡାଲ ଅଫିସର) ଓ ତାଙ୍କ ଟିମ୍କୁ ରାଜ୍ୟ ସରକାର ଶୁଭେଚ୍ଛା ଜଣାଇଛନ୍ତି।




## ଏସ୍ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ୩ ଆକ୍ରାନ୍ତ

**କଟକ ଅଫିସ,୧୪।୮:** ଏସ୍ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ତିନି ଦିନ ହେଲାଣି କରୋନା ପଜିଟିଭ ବାହାରୁଛନ୍ତି। ଶୁକ୍ରବାର ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଜଣେ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ଆସିଛି। ଫଳରେ ଏହି ବିଭାଗରେ କାମ କରୁଥିବା ବାକି କର୍ମଚାରୀଙ୍କ ମଧ୍ୟ କୋଭିଡ୍ ଟେଷ୍ଟ କରାଯାଇଛି। କ୍ୟାନ୍ସର ହସ୍ପିଟାଲରୁ ଜଣଙ୍କ ଆଣ୍ଟିଜେନ ରିପୋର୍ଟ ପଜିଟିଭ ଆସିଛି। ଏଯାବତ୍ ଏସ୍ସିବିରୁ ୪୦ ଜଣ ଡାକ୍ତର ଓ ୨୫ ଜଣ ପାରାମେଡିକାଲ ଷ୍ଟାଫ୍ ସଂକ୍ରମିତ ହେଲେଣି।







## ଦୁଃସ୍ଥ କଳାକାର, କାରିଗରଙ୍କୁ ରାଶନ ବଣ୍ଟନ

**ପୁରୀ ଅଫିସ,୧୪।୮:** ରୋଟାରୀ କ୍ଲବ ପୁରୀ ପକ୍ଷରୁ ଶୁକ୍ରବାର ରମାବଲ୍ଲଭ ରୋଡସ୍ଥିତ ରୋଟାରି କମ୍ୟୁନିଟି ସେଣ୍ଟର ପରିସରରେ ସହରର ୧୦୦ ଦୁଃସ୍ଥ କଳାକାର ଓ କାରିଗର ପରିବାରକୁ ଶୁଖିଲା ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। କରୋନା ପାଇଁ ଯେଉଁ ସଂକଟ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ପୂର୍ବରୁ ତିନୋଟି ପର୍ଯ୍ୟାୟରେ ପ୍ରାୟ ୩୦୦ ବସ୍ତିବାସିନ୍ଦାଙ୍କୁ ରାଶନ ସାମଗ୍ରୀ ବଣ୍ଟାଯାଇଥିଲା। ଏତଦ୍‌ବ୍ୟତୀତ ଶ୍ରୀଲୋକନାଥ ମନ୍ଦିର ସମେତ ସହରର କିଛି ପ୍ରମୁଖ ସ୍ଥାନରେ ସାନିଟାଇଜର ଡିସ୍ପେନସିଂ ମେଶିନ ସ୍ଥାପନ କରାଯାଇଛି। କ୍ଲବ ସଭାପତି ପ୍ରମୋଦ କୁମାର ଆଚାର୍ଯ୍ୟ ଓ ସମ୍ପାଦକ ରୋଜା ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଏସ୍ବିଆଇ ମୁଖ୍ୟ ପରିଚାଳକ ସମ୍ବିତ୍ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କ୍ଲବର ସେବା ପରମ୍ପରାର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ବ୍ୟାଙ୍କ ମଧ୍ୟ ସହଭାଗୀ ହେବ ବୋଲି ପଟ୍ଟନାୟକ କହିଥିଲେ।

## କୋଭିଡ୍ ପରିଚାଳନାର ସମୀକ୍ଷା କଲେ ଆର୍‌ଡିସି

ଖୋର୍ଦ୍ଧା ଅଫିସ,୧୪।୮

- ଘରେ ରହି ଚିକିତ୍ସିତ ହେବେ ସଂକ୍ରମିତ
- ଅଧିକ ଟେଷ୍ଟିଂ, କୋଭିଡ୍ କେୟାର ହୋମ୍ ଉପରେ ଗୁରୁତ୍ୱ

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ଅନିଲ କୁମାର ସାମଲ ଖୋର୍ଦ୍ଧା ଜିଲା କୋଭିଡ୍ ପରିଚାଳନାର ସମୀକ୍ଷା କରିଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଶୁକ୍ରବାର ଆୟୋଜିତ ସମୀକ୍ଷା ବୈଠକରେ ଆର୍‌ଡିସି ସାମଲ ଜିଲାରେ କରୋନା ନିୟନ୍ତ୍ରଣ ଲାଗି ଅଧିକ ଆର୍‌ଟିପିସିଆର ଓ ଆଣ୍ଟିଜେନ ଟେଷ୍ଟ କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ ଚିକିତ୍ସାଳୟରେ ଭିଡ଼ କମାଇବା ଲାଗି ନିଜସ୍ୱ ଘରେ ରହି ଚିକିତ୍ସିତ ହେବା ଲାଗି ଅଧିକ ବ୍ୟବସ୍ଥା କରାଇବା ପାଇଁ ଜିଲାପାଳଙ୍କୁ କହିଥିଲେ। ପ୍ଲାଜମା ଦାତାଙ୍କୁ ଯୋଗାଯୋଗ ସହ ସ୍ୱାଧୀନତା ଦିବସ ପାଳନ ଅବସରରେ କୋଭିଡ୍ ଯୋଦ୍ଧା ଏବଂ ମୃତ କୋଭିଡ୍ ଯୋଦ୍ଧାଙ୍କ ସମ୍ପର୍କୀୟଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଜିଲା ପ୍ରଶାସନକୁ ଆରଡିସି ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷେ ଜିଲାପାଳ ସନତ୍ କୁମାର ମହାନ୍ତି କୋଭିଡ୍ ସ୍ଥିତି ଓ ପରିଚାଳନା ସମ୍ପର୍କରେ ଜଣାଇଥିଲେ। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨୨୦୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୬୪ଜଣ ଚିକିତ୍ସାଧୀନ ରହିଛନ୍ତି। ୨୦ଜଣଙ୍କ ମୃତ୍ୟୁ ଘଟିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସିଏଚ୍ସି ଏବଂ ପିଏଚ୍ସିରେ କରୋନା ପରୀକ୍ଷା ଲାଗି ୨୨ଟି ଟିମ୍ ରହିଛନ୍ତି। ଚିଲିକା ଓ ବାଣପୁରରେ ଅଧିକ କରୋନା ସଂକ୍ରମିତ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ୯୬୯ଜଣ ଚିକିତ୍ସିତ ହେଉଥିବା ବେଳେ ୧୯୫ଜଣ ହୋମ୍ ଆଇସୋଲେଶନରେ ରହିଛନ୍ତି। ଜିଲାରେ ୩ଟି କୋଭିଡ୍ କେୟାର ହୋମ ଏବଂ ଗୋଟିଏ କୋଭିଡ୍ ମେଡିକାଲରେ ୧୦୮୭ ଶଯ୍ୟା ରହିଛି ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ଆର୍‌ଡିସି ସାମଲ ବାଳକାଟୀ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଥିଲେ। ଡାକ୍ତରଙ୍କ ସହ ଆଲୋଚନା କରିବା ସହ ରୋଗୀଙ୍କୁ ଟେଲିଫୋନରେ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅତିରିକ୍ତ ଜିଲାପାଳ ଅନୁଜ ପଟ୍ଟନାୟକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କଟକ**
ନିମ୍ଚଉଡ଼ି, କଟକ – ୭୫୩୦୦୨
ଫୋନ୍ ନଂ. (PBX): ୦୬୭୧–୨୩୩୯୭୦୦, ଫ୍ୟାକ୍ସ: ୦୬୭୧–୨୫୦୯୨୦୬
**ଦୀର୍ଘ ୬୩ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଚାଷ ଓ ଚାଷୀର ସେବାରେ ଉତ୍ସର୍ଗୀକୃତ ସମବାୟ ବ୍ୟାଙ୍କ**
୧. କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସମସ୍ତ ଚାଷୀ ଭାଇମାନଙ୍କୁ ଅନୁରୋଧ ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତିରେ ସଭ୍ୟଭୁକ୍ତ ହୋଇ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ସ୍ୱଳ୍ପ ସୁଧରେ କୃଷି ଋଣ ଓ ଅନ୍ୟାନ୍ୟ ସୁବିଧା ଗ୍ରହଣ କରନ୍ତୁ। ୨. କିଷାନ କ୍ରେଡିଟ୍ କାର୍ଡଧାରୀ ଚାଷୀ ଭାଇମାନେ ସମିତିରେ ଋଣ ଶୁଝିବା ସମୟରେ ରାଜ୍ୟ ସମବାୟ ବ୍ୟାଙ୍କର ଛାୟା ଛବି ଥିବା ରସିଦ୍ ନେବାକୁ ଭୁଲନ୍ତୁ ନାହିଁ। କୌଣସି ପରିସ୍ଥିତିରେ KCC Pass Book ଓ Cheque ବହି ସମିତି ସମ୍ପାଦକ କିମ୍ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନ ଦେଇ ନିଜେ ଆସି ଶାଖା ବ୍ୟାଙ୍କରୁ ଋଣ ଗ୍ରହଣ କରନ୍ତୁ। ଆପଣଙ୍କ ଅସାବଧାନତା ଯୋଗୁଁ ଅନ୍ୟ କେହି ଆପଣଙ୍କ ନାମରେ, ଆପଣଙ୍କ KCC Cheque ମାଧ୍ୟମରେ ଋଣ ଗ୍ରହଣ କଲେ ଏଥିପାଇଁ ଆପଣ ହିଁ ଦାୟୀ ରହିବେ। ଆପଣଙ୍କ ସ୍ୱାକ୍ଷର ଥିବା KCC ଚେକ୍ କୌଣସି ସମିତି/ବ୍ୟାଙ୍କ କର୍ମଚାରୀ ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରନ୍ତୁ ନାହିଁ। ୩. ଯେଉଁ ଚାଷୀଭାଇମାନେ ଋଣ କିସ୍ତି ତାରିଖ କିମ୍ବା ତା' ପୂର୍ବରୁ କୃଷି ଋଣ ପରିଶୋଧ ନ କରିବେ ସେମାନେ ସୁଧ ରିହାତି ହରାଇବା ସହିତ ଖିଲାପି ସୁଧ ବାର୍ଷିକ ୧୩.୭୫% ହାରରେ ପରିଶୋଧ କରିବେ। ୪. ନିଜ ଜମିଜମା ପରିମାଣ ଅନୁଯାୟୀ ଚାଷୀ ଭାଇମାନେ ୩ ଲକ୍ଷ ଟଙ୍କା ସୀମା ମଧ୍ୟରେ ସମିତିମାନଙ୍କ ଜରିଆରେ କୃଷି ଋଣ ନେଇ ପାରିବେ। ୫. ବ୍ୟାଙ୍କର ଶାଖା ଓ ସମିତି ଜରିଆରେ ସବସିଡ଼ି ଯୁକ୍ତ ବିଭିନ୍ନ ମଧ୍ୟମକାଳୀନ କୃଷି ଓ ଆନୁଷଙ୍ଗିକ ଋଣ ଚାଷୀଭାଇମାନେ ପାଇପାରିବେ।
ଶ୍ରୀଯୁକ୍ତ ଭବାନୀ ଶଙ୍କର ଚଇନି, ଜିଲାପାଳ, କଟକ, ପ୍ରଶାସକ
ଶ୍ରୀଯୁକ୍ତ ଅଶୋକ କୁମାର ଦାସ, ସମ୍ପାଦକ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଅଗଷ୍ଟ, ୨୦୨୦

**୩ ପୋଲିସ କର୍ମଚାରୀ ପଜିଟିଭ୍**

ଅସ୍ତରଙ୍ଗ ଥାନାରୁ ହୋମଗାର୍ଡ, କନଷ୍ଟେବଲଙ୍କ ସମେତ ୩ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ଗୁରୁବାର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥାନା କର୍ମଚାରୀମାନଙ୍କ ସ୍ୱାବ ଟେଷ୍ଟ କରାଯାଇଥିବାବେଳେ ଏହି ୩ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି। ଫଳରେ ସେମାନଙ୍କୁ ସ୍ଥାନୀୟ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ଥାନାକୁ ୭୨ ଘଣ୍ଟା ପାଇଁ ବନ୍ଦ କରିବାକୁ ଡା. ପ୍ରଧାନ ଓ ତହସିଲଦାର୍ ରାଜଲକ୍ଷ୍ମୀ ନାୟକ ଥାନାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଥାନାକୁ ସାନିଟାଇଜ୍ କରିବାକୁ ତହସିଲଦାର ଅଗ୍ନିଶମ ବିଭାଗକୁ ଚିଠି ଲେଖିଛନ୍ତି।



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋଣାର୍କ,୧୪।୮(ଡି.ଏନ୍.ଏ.):** ଚନ୍ଦ୍ରଭାଗା ମେରାଇନ ଥାନା ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ଯୁବକଙ୍କ ବୟସ ପ୍ରାୟ ୩୦ବର୍ଷ ପାଖାପାଖି ହୋଇଥିବାବେଳେ ପରିଚୟ ମିଳି ପାରି ନାହିଁ। ଶୁକ୍ରବାର ରାସ୍ତାପାର୍ଶ୍ୱ ଝାଉଁ ଗଛରେ ଯୁବକ ଜଣକ ବେକରେ ରଶି ଲଗାଇ ଝୁଲି ଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। କୋଣାର୍କ ଥାନା ପୋଲିସ ଆସି ମୃତଦେହ ଉଦ୍ଧାର କରିଥିବାବେଳେ ନିକଟରେ ଏକ ସାଇକେଲ ଥିବା ଦେଖାଯାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରି ନାହିଁ। ଏ ନେଇ ପୋଲିସ ନଂ.୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ବର୍ଷାରେ ଚମ୍ପାପୁର-ଦହିସରା ରାସ୍ତା ବିଚ୍ଛିନ୍ନ

**ଖୁଣ୍ଟୁଣୀ,୧୪।୮(ଡି.ଏନ୍.ଏ.):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କଟକ-ସମ୍ବଲପୁର ପୁରୁଣା ରାସ୍ତାର ଖୁଣ୍ଟୁଣୀସ୍ଥିତ ଚମ୍ପାପୁରଠାରୁ ଦହିସରା ପର୍ଯ୍ୟନ୍ତ ଦେଢ଼ କିମି ରାସ୍ତାରେ ବନ୍ୟା ପାଣି ଆସିଥିବାରୁ ଆଠଗଡ଼ ସହର ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ନିରୂପାୟ ହୋଇ ଖୁଣ୍ଟୁଣୀ, କୁଲାଇଲୋ ଦେଇ ଯାଉଛନ୍ତି। ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗିରହିଥିବାରୁ କଣ୍ଟିଆ ଓ ସାପୁଆ ନଦୀରେ ବନ୍ୟାଜଳ ଆସି ପାଟେଣୀ ଗାଁ, କରିକୋଲ, ବାଇଲୋ, ଗୋପୀନାଥପୁର, ଯୋରଳା, ହରିପୁର ଆଦି ଚାଷଜମିକୁ ବୁଡ଼ାଇ ରଖିଥିବା ଦେଖାଯାଉଛି। ଆଠଗଡ଼ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ବନ୍ୟା ପାଣି ଘେରରେ ଥିବା ଲୋକଙ୍କୁ ସହାୟତା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପ୍ରଶାସନ ଯଥାଶୀଘ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ପ୍ଲାଣ୍ଟ ବ୍ୟାଙ୍କ ଉଦ୍‌ଘାଟିତ

**ପୁରୀ ଅଫିସ,୧୪।୮:** ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ ପାଇଁ ଦିଆଯାଇଥିବା ଆହ୍ୱାନ ଅନୁଯାୟୀ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଚାରାରୋପଣ କରିଛନ୍ତି। ପୁରୀ ବାସେଳିସାହି ଥାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଥାନାଧିକାରୀ ଜୀବନାନନ୍ଦ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଥାନାଧିକାରୀ ଜେନାଙ୍କୁ ସବୁଜ ସଂଗ୍ରାମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକ ପ୍ଲାଣ୍ଟ ବ୍ୟାଙ୍କ ଉଦ୍‌ଘାଟିତ ହୋଇଥିଲା। ଯେଉଁଥିରେ ଲୋକେ ଚାରା ଦାନ କରିପାରିବେ ଓ ଆବଶ୍ୟକସ୍ଥଳେ ନେଇପାରିବେ। କାର୍ଯ୍ୟକ୍ରମକୁ ଦୀପକ ପଣ୍ଡା, ସତ୍ୟନାରାୟଣ ସାହୁ, ବିକ୍ରମ ସାହୁ, ସୁକାନ୍ତ ପଣ୍ଡା, ବ୍ରଜ ସାହୁ, ମାନସ ସାହୁ, ଦୁର୍ଗାମାଧବ କର, ଶଙ୍କର ପଣ୍ଡା, କାମଦେବ ମହାରଣା, ପ୍ରୀତମ ରଞ୍ଜନ ଦାଶ, ଶ୍ରୀପଦା ସାମନ୍ତରାୟ, ଅମର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

### ୯ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ବାଲିପାଟଣା,୧୪।୮(ଡି.ଏନ୍.ଏ.):** ଚଳିତ ମାଟ୍ରିକ୍ ପରୀକ୍ଷାରେ ବାଲିପାଟଣା ବ୍ଲକର ଏ-୧ ରେ ଉତ୍ତୀର୍ଣ୍ଣ ହୋଇଥିବା ୯ଛାତ୍ରୀଛାତ୍ରଙ୍କୁ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗୀରଥି ପାତ୍ର, ପ୍ରଧାନ ଶିକ୍ଷକ ନାରାୟଣ ବେହେରା ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମିଶ୍ର, ବିଧୁଭୂଷଣ ନାୟକ, ପ୍ରତାପ କିଶୋର ନାୟକ, କୈଳାସ ସ୍ୱାଇଁ ଓ ଅର୍ତ୍ତତ୍ରାଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତା ସମ୍ବର୍ଦ୍ଧିତ

**ଜଟଣୀ,୧୪।୮(ଡି.ଏନ୍.ଏ.):** ଜଟଣୀ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ସ୍ଥାନୀୟ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଜଟଣୀସ୍ଥିତ ପୋଷ୍ଟ ଅଫିସ ଛକ ନିକଟରେ ଶିକ୍ଷାବିତ୍ ଦାଶରଥି ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ଯୁବମୋର୍ଚ୍ଚା ଜଟଣୀ ନଗର ସଭାପତି ତପନ ବାରିକ, ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟା ରଶ୍ମିମୟୀ ପଟ୍ଟନାୟକ, ପୂର୍ବତନ ଜଟଣୀ ନଗର ସଭାପତି ନିରଞ୍ଜନ ପଣ୍ଡା, ରାଧାକାନ୍ତ ମିଶ୍ର, ଶରତ ମହାନ୍ତି, ଚିତ୍ତରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ସ୍ୱାଇଁ, ତ୍ରିନାଥ ବେହେରା, ଜଗଦୀଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ିଗଲା ବଳାତ୍କାର, ଚୋରି, ଡକାୟତି

## କମିଶନରେଟ ପୋଲିସ ପକ୍ଷରୁ ଅପରାଧ ରିପୋର୍ଟ ପ୍ରକାଶ

**ଭୁବନେଶ୍ୱର, ୧୪।୮(ବ୍ୟୁରୋ)**

- ସବୁଥିରେ କଟକଠାରୁ ଭୁବନେଶ୍ୱର ଆଗୁଆ
- ୨୦୧୯ ବଳାତ୍କାର ମାମଲା ୧୭% ବୃଦ୍ଧି
- ଡକାୟତି ଦୁଇଗୁଣ, ଛିନ୍‌ତାଇ ୩୪%, ଚୋରି ୨୨% ବଢ଼ିଗଲା

କଟକ ଓ ଭୁବନେଶ୍ୱରରେ ଅପରାଧ ବହୁଗୁଣ ବଢ଼ିଯାଇଛି। କମିଶନରେଟ ପୋଲିସ ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଅପରାଧୀମାନେ ସବୁ ବିଫଳତାକୁ ପଦାରେ ପକାଇ ଦେଇଛନ୍ତି। ତେବେ କଟକଠାରୁ ଭୁବନେଶ୍ୱରରେ ବଳାତ୍କାର, ଚୋରି, ଡକାୟତି, ଲୁଟ୍ ଓ ଠକେଇ ଢେର୍ ଅଧିକ ରହିଛି। କମିଶନରେଟ ପୋଲିସ ପକ୍ଷରୁ ପ୍ରକାଶିତ ୨୦୧୯ ବାର୍ଷିକ ଅପରାଧ ରିପୋର୍ଟରୁ ଏହା ଜଣାପଡ଼ିଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ଦୁଇ ସହରରେ ବଳାତ୍କାର ଘଟଣା ୧୭ ପ୍ରତିଶତ ବଢ଼ିଯାଇଛି। ୨୦୧୮ରେ ୧୯୨ଟି ବଳାତ୍କାର ମାମଲା ରୁଜୁ କରାଯାଇଥିବାବେଳେ ୨୦୧୯ରେ ୨୧୫ରେ ପହଞ୍ଚିଛି। ଏଥିରୁ ମହିଳା ଓ ନାବାଳିକାଙ୍କୁ ସୁରକ୍ଷା ଦେବାରେ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ୨୦୧୯ରେ ଦ୍ୱୈତନଗରୀର ବିଭିନ୍ନ ଥାନାରେ ୬୯ ଡକାୟତି ମାମଲା ପଞ୍ଜୀକୃତ ହୋଇଛି। ଭୁବନେଶ୍ୱରରେ ୪୯ ଓ କଟକରେ ୨୦ ମାମଲା ରୁଜୁ ହୋଇଛି। ମାତ୍ର ୨୦୧୮ରେ ମାତ୍ର ୩୭ (କଟକ ୧୦ ଓ ଭୁବନେଶ୍ୱର ୨୭)ଟି ଡକାୟତି ମାମଲା ହୋଇଥିଲା। ଛିନ୍‌ତାଇ ୩୪ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୮ରେ ୨୮୨ ମାମଲା ରୁଜୁ କରାଯାଇଥିବାବେଳେ ୨୦୧୯ରେ ୩୭୯କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ୨୬୬ ଓ କଟକରେ ୧୧୩ ମାମଲା ରୁଜୁ ହୋଇଛି। ସେହିପରି ୨୦୧୮ରେ ୩୬୮ ସିନ୍ଧିଚୋରି ମାମଲା ରହିଥିବାବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୪୬୧ରେ ପହଞ୍ଚିଛି। ଭୁବନେଶ୍ୱରରେ ୩୩୭ ଓ କଟକରେ ୧୨୪ଟି ସିନ୍ଧି ଚୋରି ମାମଲା ରୁଜୁ କରାଯାଇଛି।

ଚୋରି ମାମଲା ମଧ୍ୟ ପ୍ରାୟ ୨୨ ପ୍ରତିଶତ ବଢ଼ିଛି। ୨୦୧୮ରେ ୨୧୪୨ଟି ଚୋରି ମାମଲା ହୋଇଥିବାବେଳେ ୨୦୧୯ରେ ୨୫୪୮ ଚୋରି ମାମଲା ପଞ୍ଜୀକୃତ ହୋଇଛି। ଅନ୍ୟପକ୍ଷରେ ସାଇବର ଠକେଇ ମଧ୍ୟ ବଢ଼ି ଚାଲିଛି। ୨୦୧୮ରେ ସାଇବର ଠକେଇ ମାମଲା ସମେତ ଧାରା ୪୨୦ରେ ୭୫୮ଟି ମାମଲା ରୁଜୁ ହୋଇଥିବାବେଳେ ୨୦୧୯ରେ ୧୮ ପ୍ରତିଶତ ବୃଦ୍ଧି ହୋଇ ୯୧୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ମଧ୍ୟ ପାଖାପାଖି ରହିଛି। ୨୦୧୯ରେ ଭୁବନେଶ୍ୱରରେ ୩୯ଟି ଓ କଟକରେ ୩୦ ହତ୍ୟା ମାମଲା ରୁଜୁ ହୋଇଛି। କିନ୍ତୁ ୨୦୧୮ରେ ଭୁବନେଶ୍ୱରରେ ୪୩ ଓ କଟକରେ ୨୯ଟି ହତ୍ୟା ହୋଇଥିବା ପୋଲିସ ରେକର୍ଡ କହୁଛି। ତେବେ କେବଳ ୫୦ ପ୍ରତିଶତ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।




ସ୍ୱାଧୀନତା ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଧରାପଡ଼ିଲା ବାଇକ୍ ଲୁଟେରା ଗ୍ୟାଙ୍ଗ୍

**ପୁରୀ ଅଫିସ,୧୪।୮**

**୬ ଗିରଫ, ୧୨ ବାଇକ୍ ଜବତ**

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାରମ୍ବାର ବାଇକ୍ ଚୋରି ହେଉଥିଲା। ରୋଗୀଙ୍କ ସମ୍ପର୍କୀୟ ଭିତରକୁ ଯାଇ ଫେରିଲାବେଳକୁ ବାଇକ୍ ନେଇ ଚମ୍ପଟ ମାରୁଥିଲେ ଲୁଟେରା। ଏମିତି ଏକାଧିକ ବାଇକ୍ ଚିକିତ୍ସାଳୟ ପରିସରରୁ ଚୋରି ହେଉଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ୬ସଦସ୍ୟଙ୍କୁ ଧରିବା ସହ ୧୨ଟି ବାଇକ୍ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୧୧ ତାରିଖରେ ରାମଚଣ୍ଡୀ ଥାନା ଅନ୍ତର୍ଗତ ବଡ଼ଗାଁର ରାମଚନ୍ଦ୍ର ବାରିକ ମେଡିକାଲକୁ ଆସିଥିଲେ। ଅପରାହ୍ନ ୩ଟାରେ ମେଡିକାଲ କ୍ୟାମ୍ପସ ପରିସରରୁ ତାଙ୍କ ବାଇକ୍ (ନଂ. ଓଆର୍ ୦୨ବିଟି-୬୫୨୫) ଚୋରି ହୋଇଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୨୪/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ଆଲୋକ ସାମଲ (ମାର୍କଣ୍ଡେଶ୍ୱର ସାହି ଯମୁନା ଲେନ୍‌ରେ ରହୁଥିବା), କଣାସ ଥାନା କେଶରପୁର ମହାନ୍ତି ସାହିର ମିଲୁ ଜୟସିଂଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କଠାରୁ ବାଇକ୍ କିଣିଥିବା ପ୍ରଭଞ୍ଜନ ରାୟ, ମାଗୁନି ଭୋଇ, ପ୍ରଶାନ୍ତ ଜଗଦେପାସା ଓ ଚିତ୍ରସେନ ପ୍ରଧାନଙ୍କୁ ଗିରଫ କରାଯାଇଥିବା ଆଇଆଇସି କହିଛନ୍ତି।




୭୪ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବନ୍ଦେ ମାତରମ୍ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ଶୁକ୍ରବାର ଅନୁଷ୍ଠିତ 'ମେରୀ ଜାନ୍ ହିନ୍ଦୁସ୍ଥାନ୍' ଶୀର୍ଷକ ପଥପ୍ରାନ୍ତ କାର୍ଯ୍ୟକ୍ରମ। **(ଫଟୋ: ବିକାଶ ନାୟକ)**

## ବୋମାମାଡ଼ ଘଟଣା: ୩ ଗିରଫ

**ପୁରୀ ଅଫିସ,୧୪।୮**

ଦାଦାବଟି ପାଇଁ ବୋମା ମାଡ଼ ଘଟଣାରେ ବଳିଆପଣ୍ଡା ଥାନା ପୋଲିସ ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନାରାୟଣ ପଣ୍ଡା, ଲକ୍ଷ୍ମୀଧର ବେହେରା ଓ ଶିବାନୀ ଶଙ୍କର ମହାପାତ୍ର। ଅନ୍ୟତମ ଅଭିଯୁକ୍ତ ବିକାଶ ମହାନ୍ତିଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି ବୋଲି ଥାନା ଅଧିକାରୀ ଚିନ୍ମୟ ରାଉତ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବାସେଳିସାହି ଥାନା ଅଧୀନ ମୁଦୁଲି ଜାଗା ଜଗନ୍ନାଥ ନଗରର ଜଗନ୍ନାଥ ଗୁରୁ ବଳିଆପଣ୍ଡା ଥାନା ଅନ୍ତର୍ଗତ ସିପସରୁବାଲି ମୌଜାରେ ନୂଆଘର ନିର୍ମାଣ କରୁଛନ୍ତି। ଗତ ୪ତାରିଖରେ ନାରାୟଣ, ଲକ୍ଷ୍ମୀଧର, ଶିବାନୀଶଙ୍କର ଓ ବିକାଶ ଦୁଇଟି ବାଇକ୍‌ରେ ଆସି ପହଞ୍ଚିଥିଲେ। ନୂଆ ଘର ନିର୍ମାଣ କରୁଥିବାରୁ ଜଗନ୍ନାଥଙ୍କୁ ୫ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ମାତ୍ର ଜଗନ୍ନାଥ ମନା କରିଦେବାକୁ ଅଭିଯୁକ୍ତମାନେ ତାଙ୍କ ଉପରକୁ ଦୁଇଟି ବୋମା ପକାଇ ପଳାଇ ଯାଇଥିଲେ। ତେବେ ଜଗନ୍ନାଥ ଏକ କାନ୍ଥ କଡ଼ରେ ଲୁଚିଯିବାରୁ ରକ୍ଷା ପାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୮୩/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

## କୋଇଲା ପରିବହନ ଟେଣ୍ଡରରେ ଅନିୟମିତତା

**ଚୌଦ୍ୱାର,୧୪।୮(ଡି.ଏନ୍.ଏ.)**

ନିର୍ଗୁଣ୍ଡି ରେଲ୍‌ୱେ ସାଇଡିଂରୁ ପାରାଦ୍ୱୀପ ଇଫ୍‌କୋ କାରଖାନାକୁ କୋଇଲା ପରିବହନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଟେଣ୍ଡରରେ ଦରଗୁଡ଼ିକର ବୈଧତା ସମ୍ପର୍କରେ ତଦନ୍ତର ଆବଶ୍ୟକତା ଥିବା ନେଇ ଚୌଦ୍ୱାରସ୍ଥିତ ମା କୋଲ ଡିପୋର ସ୍ୱତ୍ତ୍ୱାଧିକାରୀ ଅରୁଣ କୁମାର ସାମଲ ଓ ସୁପ୍ରିୟ ରାୟ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୦୬ରୁ ନିର୍ଗୁଣ୍ଡି ଷ୍ଟେଶନରୁ କୋଇଲା ପରିବହନ କରାଯାଉଥିବା ବେଳେ ବିଭିନ୍ନ ପରିବହନ ସଂସ୍ଥା ଟେଣ୍ଡରରେ ଭାଗନେଇ ଇଫ୍‌କୋର ପରିବହନ କାର୍ଯ୍ୟ କରିଥାନ୍ତି। ୨୦୧୭ରେ ଏହି ଟେଣ୍ଡର ପ୍ରକ୍ରିୟାରେ ସର୍ବନିମ୍ନ ପ୍ରଥମେ ୭୩୨ ପରେ ୬୮୦ଟଙ୍କା ମେଟ୍ରିକ ଟନ ଧାର୍ଯ୍ୟ ହୋଇଥିଲା। ଚଳିତବର୍ଷ ଜୁଲାଇରେ ହୋଇଥିବା ଟେଣ୍ଡରରେ ସର୍ବନିମ୍ନ ଦର ଜନୈକ ପରିବହନ ଠିକାଦାର ୬୬୯ଟଙ୍କାରେ ମେଟ୍ରିକ ଟନ ଦାଖଲ କରିଛନ୍ତି। ଟେଣ୍ଡରରେ ଭାଗନେଇଥିବା ଏଲ୍-୨, ଏଲ୍-୩, ଏଲ୍-୪ରେ ଥିବା ସଂସ୍ଥାଙ୍କର ଦର ଏଲ୍-୧ ଦରଠାରୁ ମାତ୍ର ଅଳ୍ପ କିଛି ଫରକ ଥିଲା। ଏହି ଦରରେ ବିଡ୍ ଦାଖଲପରେ ଏହା ପଛରେ କିଛି ଷଡଯନ୍ତ୍ର ହେଉଛି ବୋଲି ଗୁରୁବାର ଡିପୋର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି।

# 'ଖୋର୍ଦ୍ଧା ଉପଖଣ୍ଡରେ ସୁଧୁରୁଛି ସ୍ଥିତି'

**ଖୋର୍ଦ୍ଧା ଅଫିସ,୧୪।୮**

**୧୪୫୬ ଆକ୍ରାନ୍ତ, ୭୬୨ ସୁସ୍ଥ ଓ ୧୩ ମୃତ**




ଖୋର୍ଦ୍ଧା ଉପଖଣ୍ଡରେ ସ୍ଥିତି ସୁଧୁରୁଛି ବୋଲି ଶୁକ୍ରବାର ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଅଗଷ୍ଟ ୧୨ସୁଦ୍ଧା ୧୪୫୬ଜଣ ସଂକ୍ରମିତ ହୋଇଥିବା ବେଳେ ୭୬୨ଜଣ ସୁସ୍ଥ ହୋଇ ଫେରିଛନ୍ତି। ୬୮୧ ଆକ୍ଟିଭ କେସ୍ ରହିଥିବା ବେଳେ ୧୩ଜଣଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ବ୍ଲକରେ ୧୨୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ୫୬ ସୁସ୍ଥ ହୋଇ ଫେରିଛନ୍ତି। ବେଗୁନିଆ ବ୍ଲକରେ ୧୧୦ଜଣ ଆକ୍ରାନ୍ତ ହୋଇଛନ୍ତି। ୭୫ ସୁସ୍ଥ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ବୋଲଗଡ ବ୍ଲକରେ ୨୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୨ଜଣ ସୁସ୍ଥ ହୋଇଥିବା ବେଳେ ୪ଜଣଙ୍କର ମୃତ୍ୟୁ ଘଟିଛି। ଟାଙ୍ଗୀ ବ୍ଲକରେ ୨୭୯ ସଂକ୍ରମିତ ହୋଇଥିବା ବେଳେ ୧୦୦ଜଣ ସୁସ୍ଥ ହୋଇ ଫେରିଛନ୍ତି। ୨ଜଣଙ୍କର ମୃତ୍ୟୁ ଘଟିଛି। ଚିଲିକା ବ୍ଲକରେ ୧୯୭ ସଂକ୍ରମିତ ହୋଇଥିବା ବେଳେ୧୨୬ ସୁସ୍ଥ ହୋଇ ଫେରିଛନ୍ତି। ୩ଜଣଙ୍କର ମୃତ୍ୟୁ ହୋଇଛି। ବାଣପୁର ବ୍ଲକରେ୨୩୮ ସଂକ୍ରମିତଙ୍କ ମଧ୍ୟରୁ ୧୬୨ ସୁସ୍ଥ ହୋଇ ଫେରିଛନ୍ତି। ଜଣଙ୍କର ମୃତ୍ୟୁ ହୋଇଛି। ଖୋର୍ଦ୍ଧା ପୌରାଞ୍ଚଳରେ ୮୯ ଆକ୍ରାନ୍ତଙ୍କ ମଧ୍ୟରୁ ୩୯ ସୁସ୍ଥ ହୋଇ ଫେରିଛନ୍ତି। ବାଲୁଗାଁ ଏନ୍‌ଏସିରେ ୭୭ ଆକ୍ରାନ୍ତଙ୍କ ମଧ୍ୟରୁ ୨୭ ସୁସ୍ଥ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ବାଣପୁର ଏନ୍‌ଏସିରେ ୧୧୦ ସଂକ୍ରମିତଙ୍କ ମଧ୍ୟରୁ ୬୫ ସୁସ୍ଥ ହୋଇ ଫେରିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଉପଖଣ୍ଡରେ ୯୮୨ ଗ୍ରାମାଞ୍ଚଳରୁ ଗ୍ରୀନ ଜୋନ୍‌ରେ ୮୧୧ ରହିଥିବା ବେଳେ ରେଡ୍ ଜୋନରେ ୧୭୧ ରହିଛି। ଖୋର୍ଦ୍ଧା ଉପଖଣ୍ଡରେ ୩୦ଟି କ୍ଲଷ୍ଟର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪୭୦ ଶଯ୍ୟା ରହିଛି। ଗତ ୧୩ ତାରିଖ ସୁଦ୍ଧା ୫୭୬ଜଣ ଚିକିତ୍ସାଧୀନ ଅଛନ୍ତି। ୧୨୫ କୋଭିଡ୍ କେୟାର ହୋମ୍‌ରେ ୧୩୩୬ ଶଯ୍ୟା ରହିଛି। ୮ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ଉପଖଣ୍ଡରେ ୪୮ ୱାର୍ଡରୁ ୩୧ ଗ୍ରୀନ ଓ ୧୭ଟି ରେଡ୍ ଜୋନ୍ ରହିଛି।

## ଜିଲାପାଳଙ୍କୁ ଆଶା ସାଥୀ ସଂଘର ଦାବିପତ୍ର

**ପୁରୀ ଅଫିସ,୧୪।୮**

ବିଭିନ୍ନ ଦାବି ନେଇ ଆଶା ସାଥୀ ସଂଘ ପୁରୀ ଜିଲା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରୀ ମାନ୍ୟତା ପ୍ରଦାନ, ୟୁନିଫର୍ମ ଲାଗୁ, ତାଲିମ, ଇନସ୍ୟୁରାନ୍ସ ଓ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କାର୍ଯ୍ୟକାରୀ, ଆୟୁଷ୍ମାନ ଭାରତ ଚିକିତ୍ସା ବୀମା ଲାଗୁ, ପ୍ରୋତ୍ସାହନ ରାଶି ଏବଂ ସୁରକ୍ଷା ଯୋଗାଇ ଦେବାକୁ ଦାବି ହୋଇଛି। ସଂଘ ସଭାନେତ୍ରୀ ଜୟନ୍ତୀ ପ୍ରଧାନ, ସମ୍ପାଦିକା ମେନକା ସାହୁ, ନିହାରିକା ମହାରଣା, ସରୋଜିନୀ ଗୁରୁ, ମଧୁଲତା ପରିଡ଼ା ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଶିଶୁଙ୍କ ମାନସିକ ଅବସ୍ଥାକୁ ଦେଖି ଶିଶୁ ସାହିତ୍ୟ ସୃଷ୍ଟି ହେଉ

**ପୁରୀ ଅଫିସ,୧୪।୮**

ଶିକ୍ଷା ପ୍ରତି ଶିଶୁର ଆଗ୍ରହ ବୃଦ୍ଧି ପାଇଁ ଶିଶୁ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିଶୁଙ୍କ ମାନସିକ ଅବସ୍ଥା ଓ ବୟସକୁ ଦୃଷ୍ଟିରେ ରଖି ଶିଶୁ ସାହିତ୍ୟ ସୃଷ୍ଟି ହେବା ଦରକାର। ଶିଶୁମାନେ ଶିଶୁ ଅଧିକାର ସମ୍ପର୍କରେ ଅବଧାରଣା ଆଣିପାରିଲେ ସେମାନଙ୍କର ସାମଗ୍ରିକ ବିକାଶ ହୋଇପାରିବ। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ 'ଶିଶୁ ସମାଚାର'ର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ଯୋଗଦେଇ ଏହା କହିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜାତିସଂଘର ଗୁଡ୍‌ୱିଲ ୟୁଥ୍ ଆମ୍ବାସାଡର ଆଶୁତୋଷ ପଟ୍ଟନାୟକ, ଶିକ୍ଷାବିତ୍ ଅବନୀଶ ରଥ, ହୋଟେଲ ମ୍ୟାନେଜର ସନତ କୁମାର ଦାସ, ଶିଶୁ ପ୍ରତିଭା ଦର୍ଶନା କର, ଆମେ ଶ୍ରୀକ୍ଷେତ୍ରବାସୀର ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଶିଶୁ ସମାଚାରର ତ୍ରୟୋଦଶ ବର୍ଷ ପ୍ରଥମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଉପଦେଷ୍ଟା ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶରତ ରାୟଗୁରୁ ସଭାକାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ନାରାୟଣ ମହାରଣା ଓ ଦିବଙ୍ଗତ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିଶୁ ସମାଚାର ଏବଂ ଆମେ ଶ୍ରୀକ୍ଷେତ୍ରବାସୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଅନ୍‌ଲାଇନ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଲଘୁ ଖଣିଜ ପଦାର୍ଥ ରାଜସ୍ୱ ଆଦାୟ ବୃଦ୍ଧି

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

- ୨୦୧୯-୨୦ରେ ଆଦାୟ ହୋଇଛି ୬୮୦.୬୦ କୋଟି
- ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ରାଜ୍ୟରେ ଲଘୁ ଖଣିଜ ପଦାର୍ଥ ରାଜସ୍ୱ ବୃଦ୍ଧିପାଇଛି। ୨୦୧୮-୧୯ରେ ଏହା ୩୦୩.୪୭ କୋଟି ଟଙ୍କା ଥିବାବେଳେ ୨୦୧୯-୨୦ରେ ୬୮୦.୬୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଦ୍ୱାରା ଅନୁଷ୍ଠିତ ଜିଲାସ୍ତରୀୟ ଲଘୁ ଖଣିଜ ପଦାର୍ଥ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଚଳିତବର୍ଷ ଜୁଲାଇ ଶେଷସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୪୬୯୩ଟି ଲଘୁ ଖଣିଜ ପଦାର୍ଥ ଉତ୍ସ ଚିହ୍ନଟ କରାଯାଇଛି। ସେଥିରୁ ଗଞ୍ଜାମରେ ସର୍ବାଧିକ ୬୪୩ଟି ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗୀର, ବାଲେଶ୍ୱର, ବରଗଡ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଏବଂ ସୁନ୍ଦରଗଡ ଜିଲାରେ ୨୦୦ ଲେଖାଏ ଉତ୍ସ ରହିଛି। ସେହିପରି ୧୧ଟି ଜିଲାରେ ୧୦୦ରୁ ଅଧିକ ଖଣିଜ ପଦାର୍ଥ ଉତ୍ସ ଚିହ୍ନଟ ହୋଇଛି। ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟର ୧୪୫୭ଟି ଲଘୁଖଣିଜ ପଦାର୍ଥ ଅଞ୍ଚଳକୁ ନିଲାମ ଦିଆଯାଇଛି। ଏହାକୁ ଅନ୍‌ଲାଇନରେ ତଦାରଖ କରିବାକୁ ଆଇ-୩ଏମ୍ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ଲଘୁ ଖଣିଜ ସମ୍ପଦକୁ ତ୍ୱରାନ୍ୱିତ କରାଯିବା ଦରକାର। ଏଥିରୁ ବାର୍ଷିକ ପ୍ରାୟ ୨ ହଜାର କୋଟି ଟଙ୍କାର ରାଜସ୍ୱ ମିଳିବାର ସମ୍ଭାବନା ରହିଛି। ଲଘୁ ଖଣିଜ ଉତ୍ସଗୁଡ଼ିକର ପରିବେଶ ମଞ୍ଜୁରୀକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ଇଆଇଏଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଲଘୁ ଖଣିଜ ନିର୍ଦ୍ଦେଶାଳୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମାନବ ସମ୍ବଳ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି।

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା

**ପୁରୀ ଅଫିସ,୧୪।୮**

ଶ୍ରୀମନ୍ଦିରରେ ଶୁକ୍ରବାର ଭାଦ୍ରବ କୃଷ୍ଣପକ୍ଷ ଦଶମୀଠାରୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଆରମ୍ଭ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ବନଭୋଜି ବେଶ କରାଯାଇଛି। ଏଥର କରୋନା କଟକଣା ଯୋଗୁ ଭକ୍ତଙ୍କ ମନ୍ଦିର ପ୍ରବେଶ ବାରଣ ଥିବାରୁ ସବୁ ଖାଁ ଖାଁ ଥିଲା। ଶନିବାର ଠାକୁରଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବ।

ସନ୍ଧ୍ୟାଧୂପ ବେଶରେ ତିନିଠାକୁରଙ୍କୁ ବନଭୋଜି ବେଶରେ ପୁଷ୍ପାଳକ ସେବକ ସଜାଇଥିଲେ। ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଥିବାବେଳେ ଗୋପାଳ ବାଳକଙ୍କୁ ସାଙ୍ଗରେ ନେଇ ବନରେ ଭୋଜି କରୁଥିଲେ। ନନ୍ଦରାଜାଙ୍କ ପୁତ୍ର ହୋଇଥିବାରୁ ରାମ ଓ କୃଷ୍ଣ ଦୁଇଭାଇ ରାଜକୀୟ ଢଙ୍ଗରେ ବଣକୁ ଯାଉଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ବନଭୋଜି ବେଶ ଅନୁଷ୍ଠିତ ହେଉଛି। ଏହି ବେଶରେ ଠାକୁର ସୁବର୍ଣ୍ଣ ଶ୍ରୀଭୁଜ, ସୁବର୍ଣ୍ଣ ଶ୍ରୀପୟର ଧାରଣ କରିଥାନ୍ତି। ଚୁଳରେ ସୁବର୍ଣ୍ଣର କିଆ ଖଞ୍ଜା ଯାଇଥାଏ। ଗୋଟିଏ ହାତରେ ଶର ପରିପୂର୍ଣ୍ଣ ରୁପା ପିଙ୍ଗଣ ଏବଂ ଅନ୍ୟ ହାତରେ କାଠର ନଉଡ଼ି ରହିଥାଏ। ଦୁଇଜଣ ଦୁଇଟି ପେଡାର ମାଳି ଲାଗି ହୋଇଥାନ୍ତି। ଦେବୀ ସୁଭଦ୍ରା ସୁବର୍ଣ୍ଣ କିରୀଟ ଧାରଣ କରନ୍ତି। ସିଂହାସନ ଉପରେ ସୋଲ, ବେତ ଓ କନାରେ ପ୍ରସ୍ତୁତ ଗାଈ ବାଛୁରୀ ରଖାଯାଏ।

**ବନଭୋଜି ବେଶରେ ମହାପ୍ରଭୁ**



କୋଳି ଖାଇବା ନୀତି ସମ୍ପନ୍ନ କରାଯାଉଛି।

### କୋଳିଖିଆ ନୀତି ସମ୍ପନ୍ନ

ମଧ୍ୟାହ୍ନ ଧୂପରେ ରାମ ଓ କୃଷ୍ଣଙ୍କୁ ବିମାନରେ ଅଣାଯାଇ ବଡ଼ଛତା ମଠ ସମ୍ମୁଖ କାଠ ସିଂହାସନରେ ବିଜେ କରାଯିବା ପରେ ଶବରୁଣୀଠୁ କୋଳି ଖିଆ ନୀତି ସମ୍ପନ୍ନ ହୋଇଥିଲା।

### ବଧ ହେଲେ ବକାସୁର, ଅଘାସୁର

ବାଳକ କୃଷ୍ଣ ବଳରାମ ବ୍ରଜଗୋପାଳଙ୍କ ସହ ବନରେ ଭୋଜି କରୁଥିବାବେଳେ ତାଙ୍କୁ ମାରିବା ପାଇଁ ମହାରାଜ କଂସ ଦୁଇ ଅସୁର ବକାସୁର ଏବଂ ଅର୍ଘାସୁରଙ୍କୁ ପଠାଇଥିଲେ। କିନ୍ତୁ କୃଷ୍ଣ ବଳରାମଙ୍କ ହାତରେ ଏହି ଦୁଇ ଅସୁର ନିଧନ ହୋଇଥିଲେ। ଶ୍ରୀମନ୍ଦିରରେ ଅନୁଷ୍ଠିତ ଶ୍ରୀକୃଷ୍ଣ ଲୀଳାରେ ବକାସୁର ଏବଂ ଅଘାସୁର ବଧ ନୀତି ସମ୍ପନ୍ନ ହୋଇଛି।

